
*ORIYA - "The Two Roads"*

# ଦୁଇଟି ପଥ



## ପଥ ନିର୍ଣ୍ଣୟ

ଆମେ ଯେତେବେଳେ କୌଣସି ଅଜଣା ସ୍ଥାନକୁ ଯାତ୍ରା ଆରମ୍ଭ କରୁ, ସେତେବେଳେ କେଉଁ ପଥ ଧରିବାକୁ ହେବ ତାହା ଅନୁସନ୍ଧାନ କରୁ । ଆମେ ଆମ ଚକ୍ଷୁ ଉନ୍ମୁକ୍ତ କରି ଯାତ୍ରା କରି ଥାଉ, ଏବଂ ଯଦି ଆମେ ଦେଖୁ ଯେ ଭୁଲ ରାସ୍ତାରେ ଅଛୁ ତେବେ ଭୁଲପଡ଼ି ଠିକ୍ ରାସ୍ତା ଖୋଜି ଥାଉ ।

ପ୍ରତିଦିନ ତୁମେ ଓ ମୁଁ ଏହି ଜଗତ ମଧ୍ୟରେ ଗୋଟିଏ ଚିରନ୍ତନ ଲକ୍ଷ୍ୟସ୍ଥଳ ଆଡ଼େ ଯାତ୍ରା କରୁଛୁ ଯେଉଁ ସ୍ଥାନରେ ଥରେ ପହଞ୍ଚିବା ପରେ ତାହାର କୌଣସି ସମାପ୍ତି ନାହିଁ କିମ୍ବା ପରିବର୍ତ୍ତନ ମଧ୍ୟ ନାହିଁ, ତୁମେ ଜାଣ କି କେଉଁ ଆଡକୁ ତୁମେ ଯାଉଛ ?

## ଆମ ପଥ ପ୍ରଦର୍ଶକ ପୁସ୍ତକ

ଈଶ୍ୱର, ତାହାଙ୍କ ଦୟା ଓ ପ୍ରେମ ହେତୁ ଆମକୁ ଖଣ୍ଡିଏ ପୁସ୍ତକ ଦେଇଛନ୍ତି, ତାହାର ନାମ 'ବାଇବଲ' । ଏହା ଆମ୍ଭମାନଙ୍କୁ ସ୍ୱର୍ଗକୁ ପରିଷ୍କାର ପଥ ଦେଖାଇଦିଏ । ଏହି ପତ୍ରିକାର ଉଦ୍ଧୃତାଂଶ ଗୁଡ଼ିକ ଉକ୍ତ ପୁସ୍ତକରୁ ନିଆଯାଇ ଅଛି ।

"ତୁମ୍ଭ ବାକ୍ୟ ମୋ ଚରଣ ପାଇଁ ପ୍ରଦୀପ ଓ ମୋ ପଥ ପାଇଁ ଆଲୁଅ ଅଟେ" (ଗୀତ ୧୧୯:୧୦୫)

## ପ୍ରଶସ୍ତ ପଥ

ଏହି ପଥରେ ଅନେକ ଲୋକ ଅଛନ୍ତି । "ନର୍କକୁ ଘେନିଯିବା ଦ୍ୱାର ପ୍ରଶସ୍ତ ଓ ପଥ ସହଜ ପୁଣି ତହିଁରେ ଅନେକ ଲୋକ ଯାତ୍ରା କରନ୍ତି" । (ମାଥିଉ ୭:୧୩)

ସେମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କ ଚକ୍ଷୁ ବନ୍ଦ ଥାଏ । ସେମାନେ ଯେ ଧ୍ୱଂସ ପଥରେ ଅଛନ୍ତି ଏହା ସେମାନେ ଜାଣନ୍ତି ନାହିଁ କିମ୍ବା ସେଥି ବିଷୟରେ ସାବଧାନ ହୁଅନ୍ତି ନାହିଁ ।

"ତୁମେ ଯାହାକୁ ପ୍ରକୃତ ପଥ ବୋଲି ଭାବୁଅଛ ତାହା ମୃତ୍ୟୁ ଆଡ଼କୁ ଯାଇଥାଏ ।" (ହିତୋପଦେଶ ୧୪:୧୨) "ସେମାନଙ୍କର ଜ୍ଞାନ ଚକ୍ଷୁକୁ ଏହି ଜଗତର ଅଧିପତି ଶୟତାନ ଅନ୍ଧ କରି ଅଛି ।" (୨ୟ କରନ୍ଥୀ ୪ ୪)

## ବୋଝ

ଏହି ପଥର ଲୋକମାନେ ପାପ ରୂପକ ବୋଝରେ ଭାରାକ୍ରାନ୍ତ ହୋଇଥାନ୍ତି । "ପ୍ରତ୍ୟେକ ବ୍ୟକ୍ତି ପାପ କରିଛନ୍ତି ଏବଂ ଈଶ୍ୱରଙ୍କ ମୁକ୍ତି ସମ୍ମୁଖରୁ ଦୂରକୁ ଚାଲିଯାଇଛନ୍ତି ।" (ରୋମୀ ୩:୨୩) ଆମେ ଗୋଟିଏ ସୁଦ୍ଧା ପାପ ଈଶ୍ୱରଙ୍କଠାରୁ ଲୁଚାଇ ରଖି ପାରିବା ନାହିଁ । "ମନୁଷ୍ୟ ବାହ୍ୟରୂପ ଦେଖେ କିନ୍ତୁ ଈଶ୍ୱର ଅନ୍ତଃକରଣ ଦେଖନ୍ତି" । (୧ମ ଶାମୁଏଲ ୧୬:୭) । ବୋଝଗୁଡ଼ିକ ସେମାନଙ୍କ ପିଠିରେ ବନ୍ଧା ହୋଇଥାଏ । ତୁମେ ଓ ମୁଁ ଆମ୍ଭମାନଙ୍କ ନିଜ ନିଜ ସାମର୍ଥ୍ୟ ଦ୍ୱାରା ଗୋଟିଏ ମଧ୍ୟ ପାପରୁ ରକ୍ଷା ପାଇ ନ ପାରୁ । ସମୟର ଗତି ଅନୁଯାଇ ଏହି ବୋଝର ଭାର ବୃଦ୍ଧି ଲାଭ କରେ । "ପାପର ବେତନ—ମୃତ୍ୟୁ (ରୋମୀ ୬:୨୩)

## ବଜୁଳି ପାତ

ଚିତ୍ରରେ ଦେଖାଯାଇଥିବା ବଜୁଳି ପାତ ଈଶ୍ୱରଙ୍କ ବିଚାରକୁ ବୁଝାଏ । "ପ୍ରତ୍ୟେକ ବ୍ୟକ୍ତି ଥରେ ନିଶ୍ଚେ ମରିବାକୁ ହେବ ଏବଂ ତାହା ପରେ ଈଶ୍ୱରଙ୍କ ଦ୍ୱାରା ବିଚାରିତ ହେବାକୁ ହେବ ।" (ଏବ୍ରୀ ୯:୨୭) "ତତ୍ପରେ ମୁଁ ଗୋଟିଏ ବୃହତ ଶ୍ୱେତ ସିଂହାସନ ଓ ତଦୁପବିଷ୍ଟ ବ୍ୟକ୍ତିଙ୍କୁ ଦର୍ଶନ କଲି ....... ପୁଣି ମୁଁ କ୍ଷୁଦ୍ର ଓ ମହାନ୍ ସମସ୍ତ ମୃତ ଲୋକଙ୍କୁ ସିଂହାସନ ସମ୍ମୁଖରେ ଠିଆ ହୋଇଥିବାର ଦେଖିଲି । ଆଉ ପୁସ୍ତକଗୁଡ଼ିକ ଖୋଲା ଗଲା, ପରେ ଜୀବନ ପୁସ୍ତକ ନାମକ ଆଉ ଗୋଟିଏ ପୁସ୍ତକ ଖୋଲାଗଲା । ସେହି ପୁସ୍ତକଗୁଡ଼ିକର ଲିଖିତ ବିଷୟ ପ୍ରମାଣେ ମୃତମାନେ ଆପଣା ଆପଣା କର୍ମାନୁସାରେ ବିଚାରିତ ହେଲେ... ... ... ଯାହାର ନାମ ଜୀବନ ପୁସ୍ତକରେ ଲେଖା ହୋଇ ନ ଥିଲା ତାହାକୁ ଅଗ୍ନିମୟ ହ୍ରଦରେ ନିକ୍ଷେପ କରାଗଲା ।" (ପ୍ରକାଶିତ ୨୦.୧୧, ୧୨:୧୫)

## ଅଗ୍ନି

ଯେହେତୁ ଈଶ୍ୱର ପବିତ୍ର ଏବଂ ନ୍ୟାୟବାନ୍, ପାପ ନିମନ୍ତେ ଦଣ୍ଡ ନିଶ୍ଚିତ । ଈଶ୍ୱରଙ୍କ ବାକ୍ୟ ଆମକୁ କହେ ଯେ ଯେଉଁମାନେ ଈଶ୍ୱରଙ୍କୁ ମାନନ୍ତି ନାହିଁ ସେମାନଙ୍କ ନିମନ୍ତେ ଅନନ୍ତ କାଳୀନ ଦଣ୍ଡ ନିମନ୍ତେ ଗୋଟିଏ ନରକ ଅଛି । ବାଇବେଲ କହେ ଯେ ସେମାନେ ନରକରେ ଶେଷହେବାକୁ ଯାଉଅଛନ୍ତି । କାରଣ ସେମାନଙ୍କର ଶାରୀରିକ ବାସନା ସେମାନଙ୍କ ଈଶ୍ୱର... ସେମାନେ କେବଳ ଏହି ଜାଗତିକ ବିଷୟ ଗୁଡ଼ିକ ପାଇଁ ଚିନ୍ତା କରନ୍ତି । (ଫିଲିପି ୩:୧୯)

କିନ୍ତୁ ଈଶ୍ୱର ମଧ୍ୟ ଜଣେ ପ୍ରେମମୟ ଈଶ୍ୱର । "ସେ ଚାହାନ୍ତି ନାହିଁ ଯେ କୌଣସି ଲୋକ ବିନଷ୍ଟ ହେବେ, କିନ୍ତୁ ଯେପରି ସମସ୍ତେ ସେମାନଙ୍କ ପାପରୁ ଫେରିବେ ଏହା ସେ ଚାହାଁନ୍ତି ।" (୨ ପିତର ୩:୯) ତାଙ୍କର ମହାଦୟା ଓ ପ୍ରେମ ହେତୁ ଯେଉଁମାନେ ପ୍ରକୃତରେ ଚାହାଁନ୍ତି ସେ ସମସ୍ତଙ୍କ ପାଇଁ ଉଦ୍ଧାରର ପଥ ପ୍ରସ୍ତୁତ କରିଛନ୍ତି । ତୁମେ ଜୀବନର ପଥ ପାଇବାକୁ ଇଚ୍ଛା କରକି ?

## ଜୀବନର ପଥ - ତ୍ରାଣକର୍ତ୍ତା

ଆମ୍ଭେମାନେ ନିଜେ ନିଜେ ଆମ୍ଭମାନଙ୍କର ପାପରୁ ଓ ନ୍ୟାୟ ଦଣ୍ଡଠାରୁ ମୁକ୍ତ ହୋଇ ନ ପାରିବାରୁ, ଈଶ୍ୱର ଆମ୍ଭମାନଙ୍କର ପାପ ନିମନ୍ତେ ଜଣେ ତ୍ରାଣକର୍ତ୍ତା ଯୋଗାଇ ଅଛନ୍ତି । "କାରଣ ଈଶ୍ୱର ଏହି ଜଗତକୁ ଏତେ ପ୍ରେମ କଲେ ଯେ ସେ ଆପଣାର ଏକମାତ୍ର ପୁତ୍ରଙ୍କୁ ଦେଲେ । ଏଣୁ ଯେ କେହି ତାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବ ।" (ଯୋହନ ୩:୧୬) ସ୍ୱର୍ଗୀୟ ପିତା ଈଶ୍ୱର ତାଙ୍କର ଏକମାତ୍ର ପୁତ୍ର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ସ୍ୱର୍ଗରୁ ଏହି ପୃଥିବୀକୁ ପଠାଇଲେ, ସେ ମନୁଷ୍ୟ ପରି ବାସ କଲେ କିନ୍ତୁ କୌଣସି ପାପ କଲେ ନାହିଁ । ସେ ରୋଗୀକୁ ସୁସ୍ଥ କଲେ, କୁଷ୍ଠ ରୋଗୀକୁ ଆରୋଗ୍ୟ କଲେ, ଭୂତକୁ ଛଡ଼ାଇଲେ, ଯେଉଁମାନେ ନିଜ ନିଜ ପାପ ନିମନ୍ତେ ଅନୁତାପ କରି ପାପ ସ୍ୱୀକାର କଲେ ସେମାନଙ୍କ ପାପ କ୍ଷମା କଲେ ଓ ଈଶ୍ୱରଙ୍କ ବିଷୟରେ ଶିକ୍ଷା ଦେଇ ଅନେକ ଉତ୍ତମ କାର୍ଯ୍ୟ ସାଧନ କଲେ ।

ତାଙ୍କର ପାପଶୂନ୍ୟ ସ୍ୱର୍ଗୀୟ ଜୀବନ ଓ ତାଙ୍କର ବହୁମୂଲ୍ୟ ରକ୍ତ ଆମ୍ଭମାନଙ୍କ ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ଦାନ କରିବା ତାଇଁ ଏବଂ ଆମ ସମସ୍ତଙ୍କର ପାଇଁ ବଳି ସ୍ୱରୂପ ମୃତ୍ୟୁଭୋଗ କରିବାକୁ ମହାନ୍ ଉଦ୍ଦେଶ୍ୟରେ ମନୁଷ୍ୟ ରୂପ ନେଇ ଆସିଥିଲେ । ଦୁଷ୍ଟ ଲୋକମାନଙ୍କ ଚାବୁକ୍ ମାଡରେ ତାଙ୍କର ପିଠି ରକ୍ତରେ ଜର୍ଜରିତ ହୋଇଗଲା । ସେମାନେ ତାଙ୍କ ମୁଣ୍ଡରେ କଣ୍ଟାର ମୁକୁଟ ପିନ୍ଧାଇଲେ ଏବଂ ଶେଷରେ ତାଙ୍କ ହାତ ପାଦରେ କଣ୍ଟାମାରି କ୍ରୁଶରେ ଝୁଲାଇ ତାଙ୍କୁ ଯନ୍ତ୍ରଣା ଦେଲେ । "ଖ୍ରୀଷ୍ଟ ଆପେ କ୍ରୁଶ ଉପରେ ନିଜ ଶରୀରରେ ଆମ୍ଭମାନଙ୍କର ସମସ୍ତ ପାପ ବହନ କଲେ ।" (୧ ପିତର ୨:୨୪) ସେ ତୁମ ନିମନ୍ତେ ଓ ମୋ ନିମନ୍ତେ ମୃତ୍ୟୁ ଭୋଗ କଲେ ।

## ତାଙ୍କର ପୁନରୁତ୍ଥାନ୍

ତିନିଦିନ କବରରେ ରହିବାପରେ ଯୀଶୁଖ୍ରୀଷ୍ଟ ମୃତ୍ୟୁରୁ ଉଠିଥିଲେ । ସେ ଶିଷ୍ୟମାନଙ୍କ ସହିତ ଚାଳିଶ ଦିନ ପର୍ଯ୍ୟନ୍ତ ଗମନାଗମନ କରି ଆଳାପ କରିବା ପରେ ସ୍ୱର୍ଗାରୋହଣ କରି ଈଶ୍ୱରଙ୍କ ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହେଲେ । (ରୋମୀ ୮:୩୪) —ସ୍ୱର୍ଗ ଓ ପୃଥିବୀର ସମସ୍ତ କ୍ଷମତା ପ୍ରାପ୍ତ ହୋଇ ଜଣେ ଜୀବିତ ତ୍ରାଣକର୍ତ୍ତା ରୂପରେ ବିଦ୍ୟମାନ । (ମାଥିଉ ୨୮:୧୮) "ପୁଣି ତାହାଙ୍କ ଦ୍ୱାରା ଯେଉଁମାନେ ଈଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି ସେମାନଙ୍କୁ ସେ ସଂପୂର୍ଣ୍ଣ ରୂପେ ପରିତ୍ରାଣ କରିବାକୁ ସକ୍ଷମ ଅଟନ୍ତି । କାରଣ ସେମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ ସେ ନିତ୍ୟ ଜୀବିତ । (ଏବ୍ରୀ ୭:୨୫)

## ସ୍ୱର୍ଗ

ସ୍ୱର୍ଗ ଗୋଟିଏ ସ୍ଥାନ ଯେଉଁଠାରେ ଈଶ୍ୱର ତାଙ୍କର ସମସ୍ତ ଗୌରବରେ ବାସ କରନ୍ତି । ପ୍ରଭୁ ଯୀଶୁ କହିଲେ "ମୁଁ ତୁମ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଛି । ମୁଁ ଯାଇ ତୁମମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କଲେ ପୁନର୍ବାର ଆସିବି ଓ ତୁମକୁ ଆପଣା ନିକଟକୁ ନେଇଯିବି । ତେବେ ମୁଁ ଯେଉଁ ସ୍ଥାନରେ ଥାଏ, ତୁମ୍ଭେମାନେ ମଧ୍ୟ ସେହି ସ୍ଥାନରେ ରହିବ ।"
(ଯୋହନ ୧୪. ୨,୩)

ତାହା ଗୋଟିଏ ଆଶ୍ଚର୍ଯ୍ୟ ସ୍ଥାନ ଯେଉଁଠାରେ "ସେ ସେମାନଙ୍କ ଚକ୍ଷୁରୁ ସମସ୍ତ ଅଶ୍ରୁ ଜଳ ପୋଛି ଦେବେ । ମୃତ୍ୟୁ ଆଉ ଘଟିବ ନାହିଁ । ଶୋକ କି କ୍ରନ୍ଦନ କି ବ୍ୟଥା ଆଉ ହେବ ନାହିଁ କାରଣ ପୁରାତନ ବିଷୟ ସବୁ ଉଭେଇ ଯାଇଅଛି ।" "ରାତି ଆଉ ହେବ ନାହିଁ...... କାରଣ ପ୍ରଭୁ ଈଶ୍ୱର ସେମାନଙ୍କର ଆଲୋକ ହେବେ ।" (ପ୍ରକାଶିତ ୨୧:୪, ୨୨:୫)

ଏହା ଗୋଟିଏ ପବିତ୍ର ସ୍ଥାନ । "କୌଣସି ଅଶୁଚି ବିଷୟ ଅବା ଘୃଣ୍ୟକର୍ମକାରୀ ଓ ମିଥ୍ୟାବାଦୀ କେହି ସେଥିରେ କଦାପି ପ୍ରବେଶ କରିବ ନାହିଁ, କେବଳ ଯେଉଁମାନଙ୍କ ନାମ ମେଷ ଶାବକଙ୍କ ଜୀବନ ପୁସ୍ତକରେ ଲିଖିତ ଅଛି, ସେମାନେ ସେହି ନଗରରେ ପ୍ରବେଶ କରିବେ ।" (ପ୍ରକାଶିତ ୨୧:୨୭)

ସ୍ୱର୍ଗକୁ କେବଳ ଗୋଟିଏ ପଥ ଅଛି । "ମୁଁ ପଥ, ସତ୍ୟ ଓ ଜୀବନ, ମୋ ଦେଇ ନ ଗଲେ କେହି ପିତାଙ୍କ ନିକଟକୁ ଯାଏ ନାହିଁ ।" (ଯୋହନ ୧୪:୬) କେବଳ ତାଙ୍କ ଦ୍ୱାରା ହିଁ ପରିତ୍ରାଣ ପ୍ରାପ୍ତ ହୁଏ । ସମଗ୍ର ଜଗତରେ ଈଶ୍ୱର ଆମ୍ଭମାନଙ୍କୁ ପରିତ୍ରାଣ କରିବା ପାଇଁ ଆଉ କାହାକୁ ଅଧିକାର ଦେଇନାହାନ୍ତି । (ପ୍ରେରିତ ୪:୧୨)

## ଆମେ କିପରି ସ୍ୱର୍ଗ ପଥରେ ଯାତ୍ରା ଆରମ୍ଭ କରିପାରୁ

୧ । ପାପରୁ ମନ ପରିବର୍ତ୍ତନ କର ଓ ସୁସମାଚାରରେ ବିଶ୍ୱାସ କର ।" (ମାର୍କ ୧:୧୫)

୨ । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ନିକଟକୁ ପାପର ବୋଝ ସହିତ ଆସି ପ୍ରାର୍ଥନାରେ ତାଙ୍କୁ କ୍ଷମା ମାଗ । ସେ କହନ୍ତି
"ଆଉ ଯେ ମୋ ନିକଟକୁ ଆସେ, ତାହାକୁ ମୁଁ କୌଣସି ପ୍ରକାରେ ଫେରାଇ ଦେବ ନାହିଁ । (ଯୋହନ ୬:୩୭)
"ହେ ଶ୍ରାନ୍ତ କ୍ଲାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି ।" (ମାଥିଉ ୧୧:୨୮)

୩ । ପାପରୁ ତୁମର ମୁକ୍ତି ନିମନ୍ତେ କେବଳ ଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର । "ତାହାଙ୍କ ପୁତ୍ର ଯୀଶୁଙ୍କ ରକ୍ତ ସମସ୍ତ ପାପରୁ ଆମ୍ଭମାନଙ୍କୁ ପରିଷ୍କାର କରେ ।" (୧ମ ଯୋହନ ୧:୭)

୪ । ସେ ତୁମକୁ ନୂତନ ଜୀବନ ଦେବେ ... ... ...'ଅନନ୍ତ ଜୀବନ' । ଖ୍ରୀଷ୍ଟ କହିଲେ "ଯେ ମୋହର ବାକ୍ୟ ଶୁଣି ମୋହର ପ୍ରେରଣକର୍ତ୍ତାଙ୍କୁ ବିଶ୍ୱାସ କରେ ସେ ଅନନ୍ତ ଜୀବନ ପ୍ରାପ୍ତ ହୋଇଅଛି । ସେ ବିଚାରିତ ହେବ ନାହିଁ । ବରଂ ମୃତ୍ୟୁରୁ ଅତିକ୍ରମ କରି ଜୀବନରେ ପ୍ରବେଶ କରିଅଛି । (ଯୋହନ ୫:୨୪) "ଏଣୁ ଯଦି କେହି ଖ୍ରୀଷ୍ଟଙ୍କଠାରେ ଅଛି । ପୁରାତନ ବିଷୟ ସବୁ ଲୋପ ପାଇଅଛି । ଦେଖ ନୂତନ ବିଷୟ ସବୁ ହୋଇଅଛି । (୨ୟ କରିନ୍ଥୀ ୫:୧୭)

୫ । ତୁମ୍ଭେ ତୁମ୍ଭ ହୃଦୟରେ ଶାନ୍ତି ପାଇବ । "ଏବେ ଆମ୍ଭେମାନେ ବିଶ୍ୱାସ ଦ୍ୱାରା ଈଶ୍ୱରଙ୍କ ଦୃଷ୍ଟିରେ ଧାର୍ମିକ ବିବେଚିତ ହୋଇ ଥିବାରୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ସହିତ ଶାନ୍ତିରେ ଅଛୁ ।" (ରୋମୀ ୫:୧)

"ସାକ୍ଷ୍ୟ ଏହି : ଈଶ୍ୱର ଆମ୍ଭମାନଙ୍କୁ ଅନନ୍ତ ଜୀବନ ଦେଇଅଛନ୍ତି, ପୁଣି ସେହି ଜୀବନ ତାହାଙ୍କ ପୁତ୍ରଙ୍କଠାରେ ଅଛି । ଯେ ପୁତ୍ରଙ୍କୁ ପାଇଅଛି ସେ ଜୀବନ ପାଇ ଅଛି । ଯେ ଈଶ୍ୱରଙ୍କ ପୁତ୍ରଙ୍କୁ ପାଇ ନାହିଁ ସେ ଜୀବନ ହିଁ ପାଇ ନାହିଁ । ତୁମ୍ଭେ ଯେଉଁମାନେ ଈଶ୍ୱରଙ୍କ ପୁତ୍ରଙ୍କଠାରେ ବିଶ୍ୱାସ କର । ଯେପରି ଜାଣିପାର ଯେ ତୁମ୍ଭେମାନେ ଅନନ୍ତ ଜୀବନ ପାଇ ଅଛ । ଏଥି ନିମନ୍ତେ ମୁଁ ତୁମ୍ଭମାନଙ୍କୁ ଲେଖୁଅଛି ।" (୧ ଯୋହନ ୫:୧୧-୧୩)

## କିପରି ନୂତନ ଜୀବନ ଯାପନ କରିବ ?

୧। ପ୍ରତିଦିନ ବାଇବଲ ପଢିବ । କାରଣ ତାହା ଆମ ପଥ ପାଇଁ ପ୍ରଦୀପ ଓ ଆତ୍ମାପାଇଁ ଖାଦ୍ୟ ଅଟେ । "ନବଜାତ ଶିଶୁ ଯେପରି ଦୁଗ୍ଧ ପାଇଁ ଲାଳାୟିତ ହୁଏ, ସେହିପରି ପରିତ୍ରାଣରେ ବୃଦ୍ଧି ପାଇବାକୁ ବାକ୍ୟରୂପ ଆତ୍ମିକ ଦୁଗ୍ଧପାନ କରିବାକୁ ଲାଳାୟିତ ହୁଅ ।" (୧ ପିତର ୨:୨) ତୁମେ ପଢିବା ସମୟରେ ଈଶ୍ୱରଙ୍କୁ ପ୍ରାର୍ଥନା କର ଯେପରି ସେ ତୁମକୁ ଆତ୍ମିକ ଶିକ୍ଷା ଓ ଚାଳନା ଦେବେ ।

୨ । ପ୍ରାର୍ଥନାରେ ପ୍ରତିଦିନ ଈଶ୍ୱରଙ୍କ ନିକଟସ୍ଥ ହୁଅ, ଯୀଶୁଙ୍କ ନାମରେ ପ୍ରାର୍ଥନା କରିବ ।
"କୌଣସି ବିଷୟରେ ଚିନ୍ତିତ ହୁଅ ନାହିଁ । କିନ୍ତୁ ସମସ୍ତ ବିଷୟରେ ପ୍ରାର୍ଥନା ଓ ବିନତି ଦ୍ୱାରା ଧନ୍ୟବାଦ ସହ ତୁମ୍ଭମାନଙ୍କର ନିବେଦନ ସବୁ ଈଶ୍ୱରଙ୍କ ନିକଟରେ ଜଣାଅ । ସେଥିରେ ସମସ୍ତ ବୋଧର ଅଗମ୍ୟ ଯେ ଈଶ୍ୱରଙ୍କ ଶାନ୍ତି, ତାହା ତୁମ୍ଭମାନଙ୍କର ହୃଦୟ ଓ ମନକୁ ଖ୍ରୀଷ୍ଟ ଯୀଶୁଙ୍କ ସହଭାଗିତାରେ ସୁରକ୍ଷା କରି ରଖିବ ।" (ଫିଲିପ ୪:୬,୭)

୩ । ଅନ୍ୟମାନଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ କହିବ "ତୁମ୍ଭର ଗୃହକୁ ଓ ତୁମ୍ଭର ଆତ୍ମୀୟମାନଙ୍କ ନିକଟକୁ ଯାଅ ପୁଣି ପ୍ରଭୁ ତୁମ୍ଭ ନିମନ୍ତେ ଯେ ଯେ କର୍ମ କରିଅଛନ୍ତି ଓ ତୁମ୍ଭପ୍ରତି ଯେଉଁ ଦୟା ଦେଖାଇ ଅଛନ୍ତି, ସେହି ସବୁ ସେମାନଙ୍କୁ ଜଣାଅ ।" (ମାର୍କ ୫.୧୯)

୪ । ପରୀକ୍ଷାର ସମ୍ମୁଖୀନ ହେଲେ ଈଶ୍ୱରଙ୍କୁ ଡ଼ାକିବ । "ସେ ନିଜେ ପରୀକ୍ଷିତ ହୋଇ ଦୁଃଖ ଭୋଗ କରିଥିବାରୁ ପରୀକ୍ଷିତ ହେଉଥିବା ଲୋକମାନଙ୍କ ଉପକାର କରିବା ନିମନ୍ତେ ସକ୍ଷମ ଅଟନ୍ତି (ଏବ୍ରି ୨:୧୮)

୫ । ଯଦି ତୁମ୍ଭେ ପୁନଶ୍ଚ ପାପକର ତୁରନ୍ତ ତାହା ଈଶ୍ୱରଙ୍କୁ ସ୍ୱୀକାର କର । ଯଦି ଆମେ ଆପଣା ଆପଣା ପାପ ଈଶ୍ୱରଙ୍କୁ ସ୍ୱୀକାର କରୁ ତେବେ ଆପଣା ପ୍ରତିଜ୍ଞା ଅନୁଯାଇ ସେ ଆମ୍ଭମାନଙ୍କର ପାପ ସବୁ କ୍ଷମା କରିବେ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବେ ।" (୧ମ ଯୋହନ ୧.୯)

୬ । ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କୁ ବିଶ୍ୱାସ କରୁଥିବା ଅନ୍ୟମାନଙ୍କ ସହଭାଗିତା ପାଇଁ ଚେଷ୍ଟା କରନ୍ତୁ ।
"ମୁଁ ଯେପରି ତୁମ୍ଭମାନଙ୍କୁ ପ୍ରେମ କରୁଅଛି, ସେହିପରି ପରସ୍ପରକୁ ପ୍ରେମ କର ଏହି ମୋର ଆଜ୍ଞା ।" (ଯୋହନ ୧୫:୧୨)

୭ । ସର୍ବଦା ଈଶ୍ୱରଙ୍କୁ ସମ୍ମାନ କର । "ଯଦି କେହି ମୋତେ ପ୍ରେମକରେ ସେ ମୋହର ବାକ୍ୟ ପାଳନ କରିବ ।" (ଯୋହନ ୧୪.୨୩)

୮ । ଭୟ କରନାହିଁ କାରଣ ଖ୍ରୀଷ୍ଟ ତୁମ ସହିତ ଅଛନ୍ତି, "ମୁଁ ତୁମକୁ କେବେ ହେଁ ଛାଡ଼ିବ ନାହିଁ, ମୁଁ ତୁମ୍ଭକୁ କେବେ ହେଁ ପରିତ୍ୟାଗ କରିବ ନାହି ।" (ଏବ୍ରୀ ୧୩:୫)

୯ । ତୁମେ ସମ୍ପୂର୍ଣ୍ଣଭାବେ ନିଜକୁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରେ ଦେଇ ଦିଅ । ତାଙ୍କ ଇଚ୍ଛାନୁସାରେ ସେ ତୁମକୁ ନିର୍ଦ୍ଦେଶ ଦିଅନ୍ତୁ । ଏହି ପ୍ରକାରେ ତୁମ୍ଭେ ପ୍ରକୃତରେ ଶାନ୍ତି ପାଇବ ।

---

**Our Heart of Man Book can now be downloaded in 480 different languages onto cell phones, tablets, etc from our website www.angp-hb.co.za.**

For **free** Gospel literature, books and tracts in over 540 languages, write to:

**E-MAIL: info@angp.co.za**
**ALL NATIONS GOSPEL PUBLISHERS**
**P.O. Box 2191, PRETORIA, 0001, R.S.A.**
(A Gospel Literature Mission financed by donations)
(Reg. No. 1961/001798/08)